**ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ**

## ରାଜେନ୍ଦ୍ର ମହାବିଦ୍ୟାଳୟ(ସ୍ୱୟଂଶାସିତ), ବଲାଙ୍ଗିର

ବିଜ୍ଞାପନ ସଂଖ୍ୟା /ରା.ମ ତା ୨୧ .୦୧.୨୦୧୭

### ପିଅନ ପଦବୀରେ ଅସ୍ଥାୟୀ ଠିକା ନିଯୁକ୍ତି

ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଶାଖାରେ ଗୋଟିଏ ପିଅନ ପଦବୀ ରେ ଅସ୍ଥାୟୀ ଠିକା କର୍ମଚାରି ନିଯୁକ୍ତି କରିବାପାଇଁ ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଶାଖାର ସମ୍ମିଳନି କକ୍ଷରେ ଆସନ୍ତା ତା୦୬.୦୨.୨୦୧୭ରିଖ ସୋମବାର ଦିବା ଘ ୧୧.୦୦ ସମୟ ରୁ ଘ ୧.୦୦ ମଧ୍ୟରେ ଏକ ତତ୍ କାଳିନ ସାକ୍ଷାତକାର ଅନୁଷ୍ଠିତ ହେବ । ବଲାଙ୍ଗିର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା,ନିଜନାମରେ କୌଣସି ଫୌଜଦାରି ମକଦ୍ଦମା କିମ୍ବା ପୋଲିସଥାନାରେ କୌଣସି ଅଭିଯୋଗ ନଥିବା ତଥା ଅଷ୍ଟମ ଶ୍ରେଣୀ ବା ତତୁର୍ଦ୍ଧ ଯୋଗ୍ୟତା ଓ ସୁସ୍ଥସବଳ ଏବଂ କାର୍ଯକ୍ଷମ ଥିବା ଇଚ୍ଛୁକ ପୁରୁଷ ପ୍ରାର୍ଥୀମାନେ ଉପର୍ଯ୍ୟୁକ୍ତ ଦିବସ ଓ ସମୟରେ ନିମ୍ନଲିଖିତ ପ୍ରମାଣପତ୍ର ସହ ଉପସ୍ଥିତ ରହି ସାକ୍ଷାତକାରରେ ଅଂଶଗ୍ରହଣ କରିବାକୁ ଏତଦ୍ୱାରା ସୂଚୀତ କରାଯାଉଛି ।

୧- ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ।
୨- ଭୋଟର ପରିଚୟ ପତ୍ର ଓ ଆଧାର କାର୍ଡ
୩- ସ୍ଥାୟି ବାସିନ୍ଦା ପ୍ରମାଣ ପତ୍ର
୪- ଜାତିଗତ ପ୍ରମାଣ ପତ୍ର
୫- ଅଭିଜ୍ଞତା ପ୍ରମାଣ ପତ୍ର (ଯଦି କିଛି ଥାଏ)
୬- ପାସ୍ ପୋର୍ଟ ସାଇଜ୍ ଦୁଇ ଗୋଟି ଫଟୋ

ବିଦ୍ର- ୧. ନିଯୁକ୍ତ ଠିକାକର୍ମଚାରୀଙ୍କ ପାରିଶ୍ରମିକ ଦୈନିକ ସର୍ବନିମ୍ନ ମଜୁରୀ ସରକାରୀ ନିୟମ ଅନୁସାରେ ପ୍ରଦାନ କରାଯିବ ।
୨. ଉଚ୍ଚପଦସ୍ଥ କିମ୍ବା ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କ ଠାରୁ ନିଯୁକ୍ତି ପାଇଁ ସୁପାରିସ୍ ପତ୍ର ଆଣିଥିବା କିମ୍ବା ଲାଞ୍ଚ ଅର୍ଥ କାରବାରରେ ସଂପୃକ୍ତ ଥିବା ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ କୁ ତତ୍କ୍ଷଣାତ ନାକଚ କରିଦିଆଯିବ ।

-Sd-
ଅଧ୍ୟକ୍ଷ
ରାଜେନ୍ଦ୍ର ମହାବିଦ୍ୟାଳୟ (ସ୍ୱୟଂଶାସିତ) ବଲାଙ୍ଗିର

ଜ୍ଞାପନ ସଂଖ୍ୟା 015(6)/ରା.ମ ତା ୨୧.୦୧.୨୦୧୭

ଏହାର ଏକକିତା ନକଲ

୧. କେନ୍ଦ୍ର ନିର୍ଦ୍ଦେଶକ ,ଆକାଶବାଣୀ, ବଲାଙ୍ଗିର
୨. ବିଜ୍ଞାପନ ପରିଚାଳକ, ଦୈନିକ ସମାଜ,ଜନସାଧାରଣଙ୍କର ଅବଗତି ନିମନ୍ତେ ବିନାମୂଲ୍ୟରେ ସଂବାଦପତ୍ରରେ ପ୍ରକାଶ କରିବା ନିମନ୍ତେ ଅନୁରୋଧ କରାଯାଉଛି ।
୩. ଜିଲ୍ଲା ନିୟୋଜନ ଅଧିକାରୀ , ବଲାଙ୍ଗିର
୪. ଜିଲ୍ଲା ଶ୍ରମ ଅଧିକାରୀ , ବଲାଙ୍ଗିର ତଥା
୫. ଜିଲ୍ଲାପାଳ, ବଲାଙ୍ଗିର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଏହାର ବ୍ୟାପକ ପ୍ରଚାର ପ୍ରସାର ବ୍ୟବସ୍ଥା ଗ୍ରହଣ କରିବାପାଇଁ ଅନୁରୋଧ କରାଯାଉଛି ।
୬. ଏନ୍. ଆଇ.ସି ଅଫିସର,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ବଲାଙ୍ଗିର ଙ୍କୁ ଏହାର ନକଲ ରାଜେନ୍ଦ୍ରକଲେଜର ଓ୍ୱେବ୍ ସାଇଟ୍‌ରେ ଅପଲୋଡ୍ କରିବା ନିମନ୍ତେ ଅନୁରୋଧ କରାଯାଉଛି ।

21.1.17
ଅଧ୍ୟକ୍ଷ
ରାଜେନ୍ଦ୍ର ମହାବିଦ୍ୟାଳୟ (ସ୍ୱୟଂଶାସିତ) ବଲାଙ୍ଗିର